# ଜୈବିକ ପଦ୍ଧତିରେ କୃଷି ପାଇଁ ପରାମର୍ଶ


ଆସିକା


ପାରଳାଖେମୁଣ୍ଡି


ଫୁଲବାଣୀ

## ଆସିକାରେ କୃଷକ ଦିବସ

ଆସିକା ୨୩।୪ (ଡି.ଏନ.ଏ)

ଆସିକା ବ୍ଲକ୍ କୃଷି ବିଭାଗ ପକ୍ଷରୁ ରବିବାର ଚଢିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ତୁମ୍ବା ଠେଙ୍ଗାପଲ୍ଲୀ ଗ୍ରାମରେ ଅକ୍ଷିମୁଠି କାର୍ଯ୍ୟକ୍ରମ ତଥା କୃଷକ ଦିବସ ପାଳିତ ହୋଇଛି। ଚାଷ ଜମି ନିକଟରେ ପୂଜାର୍ଚ୍ଚନା ପରେ ଜମିରେ ଧାନ ବିହନ ବୁଣାଯାଇଥିଲା। ଏହି ଅବସରରେ ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବ୍ଲକ କୃଷି ସୂଚନା ପରାମର୍ଶ କେନ୍ଦ୍ର ଅଧକ୍ଷ ରାଜେଶ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବିଡିଓ ଫକୀର ଚରଣ ପରିଡା, ଏମପି. ପ୍ରତିନିଧି ସତ୍ୟନାରାୟଣ ସ୍ୱାଇଁ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ସହକାରୀ କୃଷି ଅଧିକାରୀ ଶୁଭ୍ରତା ମିଶ୍ର, ଚଢିଆପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଚାଷୀଭାଇମାନେ ଜୈବିକ ପଦ୍ଧତିରେ କୃଷି କାର୍ଯ୍ୟ କରି ଜମିର ଉର୍ବରତାକୁ ବୃଦ୍ଧି କରିବା ସହ ଅଧିକ ଫସଲ ଅମଳ ଲାଗି ଯତ୍ନବାନ ହେବା ନିମନ୍ତେ ପରାମର୍ଶ ଦିଆଯାଇଥିଲା।

## ଭୂମିପୂଜନ କଲେ ଉପଜିଲାପାଳ

ପାରଳାଖେମୁଣ୍ଡି,(ଡି.ଏନ୍.ଏ.): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଗଜପତିଙ୍କ ତରଫରୁ ଜିଲାସ୍ତରୀୟ କୃଷ ଦିବସ ଓ ପବିତ୍ର ଅକ୍ଷୟ ତୃତୀୟା ଅକ୍ଷିମୁଠି ଅନୁକୁଳ ଗୁମ୍ମା ବ୍ଲକସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରସମ୍ବା ପରିସରରେ ପାଳିତ ହୋଇଯାଇଛି। ସମ୍ମାନିତ ଅତିଥି ଭାବରେ ଆଲୋକ କୁମାର ପ୍ରଧାନ, ଉପ-ଜିଲାପାଳ ପାରଳାଖେମୁଣ୍ଡି, କୈଳାସ ଚନ୍ଦ୍ର ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ, ଗଜପତି ଯୋଗଦେଇ ଭୂମିପୂଜନ, ଯଜ୍ଞ କର୍ମ, ଅକ୍ଷିମୁଠି ଅନୁକୁଳ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁମ୍ମା ଗୋଷ୍ଠୀ କୃଷି ଅଧିକାରୀ ନାରାୟଣ ଚାନ୍ଦ ସମସ୍ତ କାର୍ଯ୍ୟକ୍ରଗୁଡ଼ିକ ପରିଚାଳନା କରିଥିଲେ।

## କର୍ତ୍ତା ସାଜିଲେ କୃଷି ଅଧିକାରୀ

ଫୁଲବାଣୀ ଅଫିସ/ଫିରିଙ୍ଗିଆ/ଟିକାବାଲି: କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଶଶିପଦର ଗାଁରେ ଜିଲାସ୍ତରୀୟ ଅକ୍ଷୟ ତୃତୀୟା ଓ କୃଷକ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ବସନ୍ତ କୁମାର ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ କର୍ତ୍ତା ସାଜି ପୂଜାର୍ଚ୍ଚନା କରିଥିଲେ । ଏହାପରେ ସେ ଅକ୍ଷିମୁଠି ଅନୁକୁଳ କରିଥିଲେ। ଏହାପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଚାଷୀମାନଙ୍କୁ ବିଭିନ୍ନ ଉନ୍ନତ ମାନର ଚାଷୀ ଯନ୍ତ୍ରପାତିର ବ୍ୟବହାର ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଉପ କୃଷି ନିର୍ଦ୍ଦେଶକ ଅନିଲ କୁମାର ପ୍ରହରାଜ, ଜିଲା ମୁଖ୍ୟ ପଶୁ ସମ୍ପଦ ଅଧିକାରୀ ଡା. ସଞ୍ଜୀବ ପଟେଲ, ଜିଲା ଉଦ୍ୟାନ ଉପ ନିର୍ଦ୍ଦେଶକ ମିହିର ସାମନ୍ତରାୟ, ଜିଲା ଜଳ ଛାୟା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ତ୍ରିପାଠୀ, ଜିଲା ମତ୍ସ୍ୟ ସମ୍ପଦ ଅଧିକାରୀ ପ୍ରଫୁଲ୍ଲ କହଁର, ଆଗ୍ରୋ କାର୍ଯ୍ୟ ନିର୍ବାହୀ ଅଧିକାରୀ ରବି ନାରାୟଣ ମହାରଣା, ସହକାରୀ ପ୍ରବନ୍ଧକ ଭକ୍ତବନ୍ଧୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ସମିତି ସଭ୍ୟା ମୌସୁମୀ ପ୍ରଧାନଙ୍କ ସମେତ ଅନ୍ୟ ସରପଞ୍ଚ ଏବଂ ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ଫିରିଙ୍ଗିଆ ବ୍ଲକ କୃଷି ଅଧିକାରୀ ଧୀରେନ୍ଦ୍ର କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି ଟିକାବାଲି ବ୍ଲକ ପାଟପଦର ଗ୍ରାମରେ ବ୍ଲକ କୃଷି କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ କୁନ୍ଦୁର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ଦଳବେହେରା, ସହକାରୀ କୃଷି ଅଧିକାରୀ ତ୍ରିଲୋଚନ ମଲ୍ଲିକ, କୃଷି ଅଧିଦର୍ଶକ ଅରୁଣଦେୟ ପଟ୍ଟନାୟକ, ସୁଧିର କୁମାର ପାତ୍ରୀ ପ୍ରମୁଖ ଯୋଗଦେଇଥିଲେ।

## ଅକ୍ଷିମୁଠି ଅନୁକୁଳ କଲେ ବିଡିଓ

ରାଇକିଆ,(ଡି.ଏନ୍.ଏ): ସେହିପରି ରାଇକିଆ ବ୍ଲକଠାରେ ଡାଙ୍ଗାଡଣ୍ଡଠାରେ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ଶରତ ପାତ୍ର ଯୋଗ ଦେଇଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ଭୂମି ପୂଜା କରାଯିବା ସହ ଅକ୍ଷିମୁଠି ଅନୁକୁଳ କରାଯାଇଥିଲା। ପରେ କୃଷକ ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ବିଡିଓଙ୍କ ସମେତ ଦଡିଙ୍ଗିଆ ସରପଞ୍ଚ ଅଶୋକ ପ୍ରଧାନ, ସମିତିସଭ୍ୟ ପ୍ରଦୀପ ପ୍ରଧାନ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଆକ୍ରମଣ ମାମଲାରେ ୨ କୋର୍ଟ ଚାଲାଣ

ସୋରଡ଼ା,୨୩।୪(ଡି.ଏନ୍.ଏ.): ସୋରଡ଼ା ବ୍ଲକର ସୋରିଷବିଲ୍ଲୀ ଗ୍ରାମରେ ଜମି ବିବାଦରୁ ମରଣାତ୍ମକ ଆକ୍ରମଣରେ ଗୁରୁତର ହୋଇଥିବା ପାଣ୍ଡା ସ୍ୱାଇଁଙ୍କ ଶନିବାର ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଏହି ମାମଲାରେ ପୋଲିସ ରବିବାର ୨ ସମ୍ପର୍କୀୟ ଭାଇଙ୍କୁ କୋର୍ଟ ଚାଲାଣ କରିଛି । ସେମାନେ ହେଲେ ତ୍ରିନାଥଙ୍କ ପୁଅ ରାଜେନ୍ଦ୍ର ସ୍ୱାଇଁ ସମ୍ପର୍କୀୟ ପୁତୁରା ରୋଶନ ସ୍ୱାଇଁ। ସୋରିଷବିଲ୍ଲୀ ଗ୍ରାମରେ ଶୁକ୍ରବାର ତ୍ରିନାଥ ସ୍ୱାଇଁଙ୍କ ସମ୍ପର୍କୀୟ ପରିବାର ମଧ୍ୟରେ ଜମି ଭାଗବଣ୍ଟାକୁ ନେଇ କଥା କଟାକଟି ହୋଇଥିଲା। ତ୍ରିନାଥଙ୍କ ପୁଅ ରାଜେନ୍ଦ୍ର ସମ୍ପର୍କୀୟ ପୁତୁରା ରୋଶନ ସମ୍ପର୍କୀୟ ଭାଇ ପାଣ୍ଡାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ପାଣ୍ଡାଙ୍କୁ ପ୍ରଥମେ ସୋରଡ଼ା ମେଡିକାଲ ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ଶନିବାର ରାତିରେ ସେ ମୃତ୍ୟୁବରଣ କରିଥିଲେ। ଏ ସମ୍ପର୍କରେ ପାଣ୍ଡାଙ୍କ ଭଉଣୀ ପାନ୍ତୁଲୁଙ୍କ ଏତଲାକୁ ଭିତିକରି ପୋଲିସ ନଂ. ୧୭୭/୨୩ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଶିକ୍ଷକଙ୍କ ପରଲୋକ

ଦିଗପହଣ୍ଡି,୨୩।୪(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ବମକୋଇ ପଞ୍ଚାୟତ କୁମରଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଷ୍ଣୁ ପ୍ରସାଦ ପ୍ରଧାନ (୫୬)ଙ୍କ ପରଲୋକ ହୋଇଯାଇଛି। ସେ ମସ୍ତିଷ୍କ ଜ୍ୱରରେ ଆକ୍ରାନ୍ତ ହୋଇ ସିନ୍ଧୁଖାଲି ଗ୍ରାମ ସ୍ଥିତ ବାସଭବନରେ ଚିକିତ୍ସିତ ହେଉଥିଲେ। ରବିବାର ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶୁ ସେଠୀ, ସିଆରସିସି ନବୀନ ବାଡତ୍ୟା, ପ୍ରଧାନ ଶିକ୍ଷକ କେଶବ ବେହେରା, ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର କୁମାର ଗୌଡ, ଇ.ସୀମାଦ୍ରି ପାତ୍ର, ଅନିଲ କୁମାର ସାହୁ, ବିକ୍ରମ ପାଣିଗ୍ରାହୀ, ବିଶ୍ୱଜିତ ପ୍ରଧାନ, ଅନାଦି ପ୍ରଧାନ, ସୁବାସ ପ୍ରଧାନ ପ୍ରମୁଖ ସ୍ୱର୍ଗତ ଶିକ୍ଷକଙ୍କ ବାସଭବନରେ ପହଞ୍ଚି ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଶିକ୍ଷା ବିଭାଗ ପକ୍ଷରୁ ୧୦ ହଜାର ଟଙ୍କା ଏବଂ ଏନପିଏସ ଶିକ୍ଷକ ସଂଘ ପକ୍ଷରୁ ୨୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି।

### ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା

ବୁଗୁଡ଼ା,୨୩।୪(ଡି.ଏନ.ଏ.): ବୁଗୁଡ଼ା ବ୍ଲକର ଖୋଲଖାଲି ଗ୍ରାମରେ ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ କର୍ତ୍ତା ଭାବେ ଶିବାଜୀ ସାମଲ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୁରୋହିତ ରାମକୃଷ୍ଣ ନନ୍ଦଙ୍କ ସମେତ ଅନ୍ୟ ୧୦ ଜଣ ପୁରୋହିତ ଯୋଗଦେଇ ଯଥା ରୀତିନୀତି ପ୍ରକାରେ ପୂଜାପାଠ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଉତ୍ସବ ଉପଲକ୍ଷେ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ଅଙ୍କୁରାରୋପଣ, ନାମାଧିବାସ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବ ପରିଚାଳନାରେ ଖୋଲଖାଲି ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଥିଲା।

### ଟୁଟୁ ମଲିକ ସରପଞ୍ଚ ସଂଘ ଜିଲା ସଭାପତି

ଆସିକା ୨୩।୪ (ଡି.ଏନ୍.ଏ.): ରାଷ୍ଟ୍ରୀୟ ପଞ୍ଚାୟତିରାଜ ଗ୍ରାମ ପ୍ରଧାନ ସରପଞ୍ଚ ସଂଗଠନର ଗଞ୍ଜାମ ଜିଲା ସଭାପତି ଭାବେ କେନ୍ଦୁପଦର ସରପଞ୍ଚ ଭବାନୀ ଶଙ୍କର ମଲିକ (ଟୁଟୁ) ମନୋନୀତ ହୋଇଛନ୍ତି। ରାଷ୍ଟ୍ରୀୟ ସଂଗଠନର ସଭାପତିଙ୍କ ସହ ଆଲୋଚନା ପରେ ରାଜ୍ୟ ସଭାପତି ରବି ରଥ ମଲିକଙ୍କୁ ଏହି ପଦବୀ ଲାଗି ମନୋନୀତ କରିଛନ୍ତି। ଆସିକା ବିଜେଡି ସଂଗଠନର ଜଣେ ବରିଷ୍ଠ ଯୁବନେତା ଭାବେ ପରିଚିତ ମଲିକ ଏହି ପଦବୀ ରହିବା ପରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ରହିଥିବା ଅବ୍ୟବସ୍ଥାକୁ ଦୂର କରିବା ସହ ଆଗାମୀ ଦିନରେ ସରପଞ୍ଚମାନଙ୍କ ଦରମା ଓ ଭତ୍ତା ବୃଦ୍ଧି, ଏବଂ ସରପଞ୍ଚମାନଙ୍କ ସାମଗ୍ରୀକ ସମସ୍ୟାର ସମାଧାନ ଦିଗରେ ଯଥାସାଧ୍ୟ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

### ଶିକ୍ଷକ-ଅଭିଭାବକ ବୈଠକ

ଆର.ଉଦୟଗିରି,୨୩।୪(ଡି.ଏନ.ଏ.): କେ. ଏମ. ଭାଲିଆସାହି ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଏବଂ ଅଭିଭାବକମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦଳବେହେରା ସଭାପତିତ୍ୱ କରିଥିଲା ବେଳେ ପୂର୍ବତନ ପ୍ରଧାନଶିକ୍ଷକ ଆଦିକନ୍ଦ ବଣୁଆରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବୈଠକରେ ବସ୍ତ୍ରୀଗୁଡା କ୍ଲଷ୍ଟରର ସିଆରସିସି ଅନାସୀମ ମଣ୍ଡଳ, ଅବାରସିଂ ସରପଞ୍ଚ ପ୍ରାର୍ଥିନୀ ଦ୍ରୌପଦୀ ରଇତ, ଗୁପ୍ତେଶ୍ୱର ନାୟକଙ୍କ ସମେତ ଅଭିଭାବକ ଅଭିଭାବିକା ମାନେ ଉପସ୍ଥିତ ଥିଲେ। କର୍ମ ନିୟୋଜନ ସଂସ୍ଥାର ସଂଯୋଜିକା ମନ୍ଦାକିନୀ ସିଂ ମଧ୍ୟ ଉପସ୍ଥିତ ରହି ଅଭିଭାବକମାନଙ୍କୁ ପିଲାମାନଙ୍କ କ୍ୟାରିୟର କାଉନସିଲିଂ ଉପରେ ଅବଗତ କରାଇଥିଲେ। ଉକ୍ତ ସଭାରେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ଜି.ଉଦୟଗିରିରେ ରଥ ଅନୁକୂଳ

## ତିନି ଠାକୁର ପାଇଁ ହେବ ତିନି ରଥ

ଜି.ଉଦୟଗିରି,୨୩।୪(ଡି.ଏନ.ଏ.)


ରଥ ଅନୁକୂଳ ନେଇ ପୂଜାର୍ଚ୍ଚନା

ପବିତ୍ର ଅକ୍ଷୟତୃତୀୟା ଅବସରରେ ରବିବାର ରଥଯାତ୍ରା ପାଇଁ ରଥକାମ ଅନୁକୂଳ କରାଯାଇଛି। ଏଥିପାଇଁ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ସମସ୍ତ ପ୍ରକାର ପ୍ରସ୍ତୁତି ପୂର୍ବକ ନୂତନ ରଥକାଠ ଅଣାଯାଇ ପରିଚାଳନା କମିଟି ତରଫରୁ ବିଶ୍ୱକର୍ମା ମହାରଣାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା। ରଥ ପାଇଁ ନୂତନ କାଠ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ରଥକାମ ଅନୁକୂଳ କରାଯାଇଛି। ବିଶ୍ୱକର୍ମା ମହାରଣାମାନଙ୍କ ମଧ୍ୟରେ ଭୀମସେନ ମହାରଣା, ବିଶ୍ରୁ ମହାରଣା, ରାଧା ମହାରଣା ପ୍ରମୁଖ ଯୋଗ ଦେଇଥିବା ବେଳେ ମନ୍ଦିର ପରିଚାଳନା କମିଟି ତରଫରୁ ସଭାପତି ବିନୋଦ ବିହାରୀ ଦାଶ, ସମ୍ପାଦକ ଅରୁଣ କୁମାର ଷଡଙ୍ଗୀଙ୍କ ସହିତ ସୀମାଞ୍ଚଳ ଦାଶ, ଅଶ୍ୱିନୀ କୁମାର ପାତ୍ର, ରୋଶନ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଜି. ଉଦୟଗିରିର ବହୁ ପୁରାତନ ଏହି ରଥଯାତ୍ରାରେ ତିନି ଠାକୁରଙ୍କ ପାଇଁ ସ୍ୱତନ୍ତ୍ର ତିନୋଟି ରଥ ନିର୍ମାଣ କରାଯାଇଥାଏ।

## ପୋଖରୀରୁ ଚନ୍ଦନ କାଠଗଣ୍ଡି ଜବତ

ପାରଳାଖେମୁଣ୍ଡି,୨୩।୪(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ଗାରବନ୍ଧ ଥାନା ଏବଂ ନାରାୟଣପୁରସ୍ଥ ମହେନ୍ଦ୍ର ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୫୩୮ କେଜି ଓଜନର ୨୭ ଦୁର୍ଲଭ ରକ୍ତଚନ୍ଦନ କାଠଗଣ୍ଡି ଜବତ କରାଯାଇଛି। ଗାରବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ଏବଂ ତାଙ୍କ ପୋଲିସ ଟିମ ଏମ୍.ପାଇଲମ ଗ୍ରାମଠାରେ ଥିବା ଏକ ପୋଖରୀ ପାଣି ମଧ୍ୟରେ ରକ୍ତଚନ୍ଦନ କାଠ ପଡିଥିବାକୁ ନେଇ ଚଢ଼ାଉ କରିଥିଲେ। ଏହାପରେ ନାରାୟଣପୁରସ୍ଥ ମହେନ୍ଦ୍ର ବନାଞ୍ଚଳ ଅଧିକାରୀ କବିନ ପରିଚ୍ଛାଙ୍କ ନେତୃତ୍ୱରେ ବନ ବିଭାଗର ଟିମ ପହଞ୍ଚି ଉଭୟ ପୋଲିସ ଓ ବନ ବିଭାଗ କର୍ମଚାରୀମାନେ ପୋଖରୀରୁ ରକ୍ତଚନ୍ଦନ କାଠଗଣ୍ଡିକୁ ଉଦ୍ଧାର କରି ଜବତ କରିଥିଲେ। କାଠଗଣ୍ଡିଗୁଡିକୁ ନାରାୟଣପୁରସ୍ଥିତ ମହେନ୍ଦ୍ର ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯିବା ପରେ ଓଜନ କରାଯାଇଥିଲା। ଏ ନେଇ ୧/୨୩-୨୪ରେ ଏକ ମାମଲା ରୁଜୁ କରାଯାଇଛି।

## ସ୍ମାର୍ଟ ସ୍କୁଲ କାର୍ଯ୍ୟ ଦେଖିଲେ ମୋ ସ୍କୁଲ ଯୁଗ୍ମ ନିର୍ଦ୍ଦେଶକ


ଯୁଗ୍ମ ନିର୍ଦ୍ଦେଶକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଭଞ୍ଜନଗର, ୨୩।୪(ଡି.ଏନ.ଏ)

ଗଣ ଶିକ୍ଷା ବିଭାଗ ଅଧିନ ମୋ ସ୍କୁଲ ବିଭାଗର ଦୁଇଜଣ ରାଜ୍ୟ ଯୁଗ୍ମ ନିର୍ଦ୍ଦେଶକ ଦୁଇ ଦିନିଆ ଭଞ୍ଜନଗର ଗସ୍ତରେ ଆସି ବୁଧବାର ଲାଲସି ହାଇ ସ୍କୁଲ ସ୍ମାର୍ଟ ସ୍କୁଲ କାର୍ଯ୍ୟ ବୁଲି ଦେଖିଛନ୍ତି। ଏହାପରେ ଉଭୟ ଭୁବନେଶର ଫେରି ଯାଇଛନ୍ତି। ଏହି ସମୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଧାକୃଷ୍ଣ ଗଡନାୟକ, ସାମାଜିକ କର୍ମୀ ବିଷ୍ଣୁ ପ୍ରଧାନ ଉପସ୍ଥିତ ଥିଲେ। ଆଉ କିଛି ଦିନ ପରେ ଉକ୍ତ ସ୍ମାର୍ଟ ସ୍କୁଲ ଉଦ୍‌ଘାଟିତ ହେବାକୁ ଥିବା ବେଳେ ଏହାପୂର୍ବରୁ ଉକ୍ତ ବିଦ୍ୟାଳୟକୁ ରାଜ୍ୟର ଏକ ନମ୍ବର ସ୍ମାର୍ଟ ସ୍କୁଲ ଭାବେ ଗଢି ତୋଳିବା ପାଇଁ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ସହଯୋଗରେ ବ୍ଲକ ପ୍ରଶାସନ ଏବଂ ଗ୍ରାମବାସୀ ଚେଷ୍ଟା ଚଳାଇଛନ୍ତି। ତେଣୁ ବିଦ୍ୟାଳୟର ଅନେକ ପରିବର୍ତ୍ତନ ହୋଇଛି।

# ଆଇନ ସଚେତନତା ଶିବିର

କୋଟଗଡ,୨୩।୪(ଡି.ଏନ.ଏ.)

କନ୍ଧମାଳ ଜିଲା କୋଟଗଡ ବ୍ଲକ କେଶରୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର କୋଟଗଡ କୋର୍ଟ ବିଚାରପତି ଅନୁରାଗ ଦେହୁରୀ ଯୋଗଦେଇ ଜନ ସାଧାରଣଙ୍କୁ ଆଇନ ଉପରେ ସଚେତନ କରିଥିଲେ। କେମିତି ଲୋକେ ଏଫଆଇଆର କରିବେ, ବେଲ୍, ତଳ କୋର୍ଟର ରାୟକୁ ଚାଲେଞ୍ଜ କରି କିପରି ଉପର କୋର୍ଟରେ ଆବେଦନ କରାଯିବ ଓ ସମନକୁ ଅବମାନନା କେଲେ କ'ଣ ଦଣ୍ଡ ମିଳବ ଏହି ସବୁ ଉପରେ କହିଥିଲେ। ଶିବିରରେ ସରକାରୀ ଓକିଲ ସବିତା ସାମନ୍ତରାୟ ଉପସ୍ଥିତ ରହି ଜଣସାଧାରଣଙ୍କୁ ଆଇନ ଉପରେ ସଚେତନ କରିଥିଲେ। ଶିବିରରେ ଷ୍ଟେନୋ ଅଶୁତୋଷ, ବେଞ୍ଚ କିରାଣି ଲଙ୍କେଶ୍ୱର, ସୁଶୀଲ କୁମାର ପ୍ରଧାନ, ହରିହର ପାତ୍ର, ନଟବର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଶ୍ୱଶୁରଙ୍କୁ ହତ୍ୟା ଉଦ୍ୟମ, ଜ୍ୱାଇଁ ଜେଲ ଗଲେ

ଦିଗପହଣ୍ଡି,୨୩।୪(ଡି.ଏନ.ଏ.)

ଶ୍ୱଶୁରଙ୍କୁ ହତ୍ୟା ଉଦ୍ୟମ କରିବା ମାମଲାରେ ଜ୍ୱାଇଁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ଯିବାକୁ ପଡ଼ିଛି। ଏହି ଘଟଣା ଘଟିଛି ଦିଗପହଣ୍ଡି ଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମରେ। ପ୍ରକାଶ ଯେ, ଖଜୁରିଆ ଗ୍ରାମର ସତ୍ୟନାରାୟଣ ନାହାକ ସୁକୁଣ୍ଡା ଗ୍ରାମର ଶ୍ୱଶୁର ରାମଚନ୍ଦ୍ର ନାହାକଙ୍କ ଗୁରୁବାର ସନ୍ଧ୍ୟାରେ ଆସି ଗଣ୍ଡଗୋଳ କରିଥିଲେ। ଶ୍ୱଶୁର ରାମଚନ୍ଦ୍ର ତାଙ୍କୁ ବୁଝାସୁଝା କରୁଥିବା ବେଳେ ସତ୍ୟନାରାୟଣ ଉତ୍ତେଜିତ ହୋଇ ରାମଚନ୍ଦ୍ରଙ୍କୁ କାତିରେ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏନେଇ ପ୍ରଭାସିନୀ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜ କରି ସତ୍ୟନାରାୟଣଙ୍କୁ ଗିରଫ କରି ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଥିଲା।

# ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଧରାକୋଟ,୨୩।୪(ଡି.ଏନ୍.ଏ.)

ଧରାକୋଟ ଏସ୍‌ଆର୍ ଉଚ୍ଚ ବିଦ୍ୟାଳୟର ୧୯୮୬ ବର୍ଷର ଛାତ୍ର ମାନଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ନିକଟସ୍ଥ ଡଉଗାଁ ଜଳ ସେଚନ ବିଭାଗ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସର ପ୍ରାପ୍ତ ଗୁରୁଜୀ ଅନ୍ତର୍ଯ୍ୟାମୀ ପ୍ରଧାନ, ଭାସ୍କର ସାହୁ, ପ୍ରଦୀପ ପଟ୍ଟନାୟକ, ଭାସ୍କର ସାହୁ, କୀର୍ତ୍ତି ଚନ୍ଦ୍ର ପାଳ ଓ ବିଜୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଯୋଗେନ୍ଦ୍ର ସାସମାଲ, ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ, ରବୀନ୍ଦ୍ର ସାହୁ, ରାଧାକାନ୍ତ ସାହୁ, ସରୋଜ ସୁବୁଦ୍ଧି ଓ ସୂର୍ଯ୍ୟ ନାରାୟଣ ଅଚା ରୀ ପ୍ରମୁଖ ଫୁଲ ତୋଡା ଓ ଉପଢୌକନ ଦେଇ ଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହା ପରେ ସମସ୍ତ ଛାତ୍ର ନିଜର ପରିଚୟ ଆଦାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଶିବାଜି ଗଣେଶ ପଣ୍ଡା, ଲକ୍ଷ୍ମୀ ନାରାୟଣ ମହାନ୍ତି, ମହେନ୍ଦ୍ର ପ୍ରଧାନ, ସରୋଜ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ, ସୁରେଶ ସ୍ୱାଇଁ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।



ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ର ଓ ଅତିଥି।

# ବହୁଭାଷୀ ଶିକ୍ଷାଦାନ କୌଶଳ ତାଲିମ

ଦାରିଙ୍ଗବାଡ଼ି,୨୩।୪(ଡି.ଏନ୍.ଏ)

ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନ୍‌ବାଡ଼ିଠାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବହୁଭାଷୀ (କୁଇ ଭାଷା) ଶିକ୍ଷାଦାନ କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟନ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୩ ଜଣ ରସୋର୍ସ ପର୍ସନ ତଥା ଗଜପତି ଜିଲାରୁ ଆସିଥିବା ଫିରୋଜ ଖାନ୍ ଛିଞ୍ଚାନିଙ୍କ ସମେତ ସ୍ଥାନୀୟ ଶିକ୍ଷକ କୁଞ୍ଜବନ ପ୍ରଧାନ, ବାପୁଜୀ ପ୍ରଧାନ ପ୍ରମୁଖ ବହୁଭାଷୀ କୁଇ ଭାଷା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ତୁମୁଡ଼ିବନ୍ଧ, କ. ନୂଆଗାଁ, ରାଇକିଆ, ବାଲିଗୁଡ଼ା ଆଦି ବ୍ଲକ ଅଞ୍ଚଳର ୫୪ ବିଦ୍ୟାଳୟର ମୋଟ ୫୪ଜଣ ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ତାଲିମ ନେଉଛନ୍ତି। କାର୍ଯ୍ୟକ୍ରମ ପରିଦର୍ଶନରେ ବିଭାଗର କୁଇଭାଷା ତଥା ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଡ. ପରମାନନ୍ଦ ପଟେଲ ଏବଂ ବାଲିଗୁଡ଼ା ଉପଖଣ୍ଡ ଅତିରିକ୍ତ ମଙ୍ଗଳ ଅଧିକାରୀ ଜଗତଜୀବନ ବଗର୍ତ୍ତୀ ଆସି ସମସ୍ତ ଶିକ୍ଷଣ କାର୍ଯ୍ୟକ୍ରମର ଅନୁଧ୍ୟାନ କରି ଫେରିଛନ୍ତି। କାର୍ଯ୍ୟକ୍ରମଟି ୫ ଦିନ ଧରି ଚାଲିବ ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନ କହିଛନ୍ତି। ସେହିପରି କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ବିଦେଶୀ ନାୟକ ଏବଂ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ ପ୍ରମୁଖ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିଲେ।


ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ଅଭିଭାଷଣ ରଖୁଛନ୍ତି।

# ଦକ୍ଷିଣାଞ୍ଚଳ ଅବକାରୀ ରେଞ୍ଜରେ ବଢୁଛି ନିଶା କାରବାର

## ବର୍ଷକରେ ୬୯୭୮ କେଜି ଗଞ୍ଜେଇ, ୫୪୦ ଗ୍ରାମ ବ୍ରାଉନସୁଗାର ଜବତ

ବ୍ରହ୍ମପୁର ଅଫିସ,୨୩।୪

ଦକ୍ଷିଣାଞ୍ଚଳ ଅବକାରୀ ଗୋଇନ୍ଦା ରେଞ୍ଜରେ ଦିନକୁ ଦିନ ନିଶା କାରବାର ବଢୁଛି। ବ୍ରହ୍ମପୁର ଅବକାରୀ ଗୋଇନ୍ଦା ଓ ଏନ୍‌ଫୋର୍ସମେଣ୍ଟ ବ୍ୟୁରୋ ୟୁନିଟ୍-୨ ପକ୍ଷରୁ ମିଳିଥିବା ତଥ୍ୟ ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷ ଅପେକ୍ଷା ଗତବର୍ଷ ଦୁଇ ଗୁଣା ଅଧିକ ଅବକାରୀ ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷରେ ମୋଟ ୬୨୨ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ବିଭିନ୍ନ ମାମଲାରେ ମୋଟ ୫୬୨ଜଣ ଗିରଫ ହୋଇଥିଲେ, ଜବତ ହୋଇଥିବା ଅବକାରୀ ସାମଗ୍ରୀ ଓ ଯାନବାହନର ଆନୁମାନିକ ମୂଲ୍ୟ ମୋଟ ୬କୋଟି ୭୨ଲକ୍ଷ୧୩ହଜାର ୮୬୦ଟଙ୍କା ଥିଲା। ୨୦୨୨-୨୩ରେ ମୋଟ ୧୧୫୫ ଅବକାରୀ ମାମଲା ରୁଜୁ ହୋଇଥିବା ବେଳେ ୧୦୬୫ଜଣ ଗିରଫ ହୋଇଥିଲେ ଏବଂ ଜବତ ହୋଇଥିବା ଅବକାରୀ ସାମଗ୍ରୀ ଓ ଯାନବାହନର ଆନୁମାନିକ ମୂଲ୍ୟ ୧୪କୋଟି ୧୨ଲକ୍ଷ ୯୦ହଜାର ୩୫୪ଟଙ୍କା ରହିଛି। ୨୦୨୨-୨୩ରେ ୬୯୭୮ କେଜି ଗଞ୍ଜେଇ ଓ ୫୪୦ଗ୍ରାମ୍ ବ୍ରାଉନ୍ ସୁଗାର ଜବତ ହୋଇଥିଲା। ସେହିପରି ଗତ ଆର୍ଥିକବର୍ଷରେ ରେକର୍ଡ଼ ପରିମାଣର ଭାଙ୍ଗ (୩୪୩୭) ଏବଂ ୮୦ହଜାର ପ୍ୟାକେଟ୍ ଗୁଟ୍‌ଖା ଜବତ କରିବାରେ ଉକ୍ତ ବିଭାଗ ସକ୍ଷମ ହୋଇଥିଲା। ସେହିପରି ୨୦୨୧-୨୨ରେ ୮୩୦ ଲିଟର ଓ ୨୦୨୨-୨୩ରେ ୧୧୩୯ ଲିଟର ନକଲି ମଦ ଜବତ ହୋଇଥିଲା। ସେହିପରି ୨୦୨୧-୨୨ରେ ୨୧୧୩୫ ଲିଟର ରନ୍ଧା ମଦ ଜବତ ହୋଇଥିବା ବେଳେ ୨୦୨୨-୨୩ ରେ ପ୍ରାୟ ୨୯ହଜାର ଲିଟର ରନ୍ଧା ମଦ ଜବତ କରାଯାଇଥିଲା। ଗଞ୍ଜେଇଠାରୁ ଆରମ୍ଭ କରି ବିଭିନ୍ନ ଅବକାରୀ ଚୋରା ଚାଲାଣରେ ବ୍ୟବହାର ହୋଇଥିବା ୬ଟି ଟ୍ରକ୍, ୧୧ ଚାରିଚକିଆ ଯାନ, ୨୨ ଟାଟା ଏସିଇ/କାର୍, ୭ ଅଟୋ, ୨୮ ସ୍କୁଟି, ୯୭ଟି ବାଇକ୍, ୩ ସାଇକେଲକୁ ଅବକାରୀ ଟିମ୍ ଜବତ କରିଥିଲା।

## ଅଫିସରୁ ଏସି, କମ୍ପ୍ୟୁଟର ଚୋରି

**ବ୍ରହ୍ମପୁର ଅଫିସ:** ଟାଉନ ଥାନା ଅନ୍ତର୍ଗତ ହିଲପାଟଣା ନିକଟ ଏକ ବହୁତଳ ବିଶିଷ୍ଟ କୋଠାର ତୃତୀୟ ମହଲାରେ ଥିବା ଏକ ଅଫିସରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏନେଇ ମାଲିକ ସିଏଚ୍‌. ବିକି କୁମାର ପାତ୍ର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ୧୪୬/୨୩ ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରି ରଖିଛି। ସିସିଟିଭି ଫୁଟେଜ ସଂଗ୍ରହ କରି ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ଯୋଜନା କରିଛି।


ମା' ବୁଢ଼ୀ ଠାକୁରାଣୀଙ୍କ ଘଟ ପରିକ୍ରମା।


ଅସ୍ଥାୟୀ ମଣ୍ଡପ ବାହାରେ ମହିଳା ଶ୍ରଦ୍ଧାଳୁଙ୍କ ଭିଡ।

# ୪ ରଥ, ୫ କଳାକୁଞ୍ଜୀ ଉନ୍ମୋଚନ କଲେ ମା' ଠାକୁରାଣୀ


ମାନସିକଧାରୀଙ୍କ ବେଶ।


ଶିରିଡି ସାଇବାବା ବେଶ।

**ବ୍ରହ୍ମପୁର ଅଫିସ,୨୩।୪**

ବ୍ରହ୍ମପୁର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ସାଆନ୍ତାଣୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ରବିବାର ୨୦ ଦିନରେ ପହଞ୍ଚିଛି। ଯାତ୍ରାର ସମୟ ଅବଧି ସରି ଆସୁଥିବା ବେଳେ ଦିନକୁ ଦିନ ଭକ୍ତଙ୍କ ଗହଳି ମଧ୍ୟ ବୃଦ୍ଧି ପାଉଛି। ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ମା' ଠାକୁରାଣୀଙ୍କ ଦର୍ଶନ କରୁଛନ୍ତି। ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କିନ୍ତୁ ସନ୍ଧ୍ୟାରେ ଅସ୍ଥାୟୀ ମଣ୍ଡପ ନିକଟରେ ବିଦ୍ୟୁତ ସରବରାହ କିଛି ସମୟ ଧରି ବିଚ୍ଛିନ୍ନ ହେବା ଫଳରେ ବହୁ ଶ୍ରଦ୍ଧାଳୁ ହଇରାଣ ହୋଇଥିଲେ। କିନ୍ତୁ ପରେ ବିଦ୍ୟୁତ ବିଭାଗ ପକ୍ଷରୁ ବିଦ୍ୟୁତ ସରବରାହ ପୂର୍ବଭଳି ବଳବତ୍ତର ହୋଇଥିଲା। ରାତ୍ରି ୮ଟା ପରେ ଅସ୍ଥାୟୀ ମଣ୍ଡପରୁ ମାଙ୍କ ମୁଖ୍ୟ ଘଟ ସମେତ ୮ଟି ପାର୍ଶ୍ୱ ଘଟ ସାହି ପରିକ୍ରମା ନିମନ୍ତେ ବାହାରିଥିଲେ। ପରମ୍ପରା ଅନୁଯାୟୀ ଘଟ ପ୍ରଥମେ ମହୁରୀ ରାଜବାଟୀରେ ପହଞ୍ଚିଥିଲା। ରାଜା ମା' ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ପରେ ଘଟ ଅନ୍ୟ ସାହି ପରିକ୍ରମା ନିମନ୍ତେ ବାହାରିଥିଲେ। ଠାକୁରାଣୀ ପ୍ରଥମେ ଗୁଡ଼ବଜାର ହୋଇ ବାଟୁବାରୀ ସାହିରେ କଳାକୁଞ୍ଜୀକୁ ଉନ୍ମୋଚନ କରିଥିଲେ। ଏହାପରେ ଜେନାସାହିରେ ବୀର ଲକ୍ଷ୍ମଣ ରଥ, ଶଙ୍କରପୁରସାହି ହୋଇ ସୀତାରାମସାହିରେ ନାଗାର୍ଜୁନ ରଥ, ପନ୍ଦରାସାହିରେ କଳାକୁଞ୍ଜୀ, ଶଙ୍କରପୁରସାହି ରାମଚନ୍ଦ୍ର ରଥ, ରଜାସାହି କଳାକୁଞ୍ଜୀ, କେଉଟ ସାହି କଳାକୁଞ୍ଜୀ, ମାର୍ଥାପେଟାସାହି କଳାକୁଞ୍ଜୀ ଓ କୁମ୍ଭାରସାହି ମହାଲକ୍ଷ୍ମୀ ରଥକୁ ଠାକୁରାଣୀ ଉନ୍ମୋଚନ କରି ଦେଶୀ ବେହେରାସାହି ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଘଟ ପହଞ୍ଚିଥିଲା। ଏହାପରେ ମା'ଙ୍କୁ ଆଳତୀ କରାଯାଇ ରାତ୍ରିରେ ବାଳଭୋଗ କରାଯାଇଥିଲା। ଗତକାଲି ଠାକୁରାଣୀ କ୍ରୀଷ୍ଟମ ପେଟାରେ କଳାକୁଞ୍ଜୀ, ବଡ ରେଡିକା ସାହିରେ କାମଧେନୁ କଳାକୁଞ୍ଜୀ, କେଦାରଶ୍ୱେର ପେଟା ସାହିରେ ଜଗନ୍ନାଥ କଳାକୁଞ୍ଜୀ ଓ ନଡିଆ ଗୁର୍ଜିଠାରେ ରାମରାଜ୍ୟ କଳାକୁଞ୍ଜୀକୁ ଉନ୍ମୋଚନ କରିଥିଲେ।

**୨୦ ଦିନରେ ଯାତ୍ରା**

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ସୁଶାନ୍ତ


@ ରଘୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ମୋବାଇଲ୍ ଲୁଟ୍, ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୨୩।୪:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ମେଡିକାଲ କଲେଜ ଖେଳ ପଡ଼ିଆ ନିକଟରେ ଯୁବକଙ୍କ ମୋବାଇଲ ଲୁଟିନେଲେ ଜଣେ ଦୁର୍ବୃତ୍ତ। ପୋଲିସ ୧୭୪/୨୩ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଜପତି ନଗର ୭ମ ଲାଇନର ଅଭିଷେକ ପାଣିଗ୍ରାହୀ। ପ୍ରକାଶ ଯେ, ଗତ ୨୨ ତାରିଖ ରାତି ପ୍ରାୟ ସାଢ଼େ ୧୦ଟା ବେଳେ ମେଡିକାଲ ବ୍ୟାଙ୍କ କଲୋନି ୪ର୍ଥ ଗଳି ବାସିନ୍ଦା କିଷାନ ବେହେରା ମେଡିକାଲ କଲେଜ ପଡ଼ିଆ ପାଖରେ ଫୋନରେ କଥା ହେଉଥିଲା ବେଳେ ଜଣେ ଦୁର୍ବୃତ୍ତ ପହଞ୍ଚି ତାଙ୍କୁ ଧକ୍କା ମାରିଥିଲେ। ଯୁବକ ଜଣଙ୍କ ପଡିଯିବାରୁ ତାଙ୍କ ମୋବାଇଲକୁ ସେ ଝାମ୍ପି ନେଇ ଚମ୍ପଟ ମାରିଥିଲେ। ପରେ ଯୁବକ ଜଣଙ୍କ ଲୁଟେରାଙ୍କ ପିଛା କରିଥିଲେ ମଧ ତାଙ୍କୁ ଧରିବାରେ ସକ୍ଷମ ହୋଇନଥିଲେ।

### ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ସ୍ମୃତିସଭା

**ବ୍ରହ୍ମପୁର ଅଫିସ,୨୩।୪:** ରାଜ୍ୟ ଅଣ ଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ରବିବାର ଏନଜିଓ ହଲଠାରେ ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଉପଦେଷ୍ଟା ତଥା ଶିକ୍ଷକ ନେତା ସ୍ୱର୍ଗତ ଜଗନ ମୋହନ ସାହୁଙ୍କ ୩ୟ ବାର୍ଷିକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଜିଲା ସଭାପତି ସୁଦାମ କୁମାର ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଅତିଥି ରୂପେ ଗଞ୍ଜାମ ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡଙ୍ଗା, ଓଡିଶା ଅମଲା ସଂଘ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସ୍ମୃତି ଚାରଣ କରିଥିଲେ। ଅଖିଳ ସାବତ, ଶିବ ପ୍ରସାଦ ପାଣିଗ୍ରାହୀ, ସମ୍ପାଦକ ରବିନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସିପିଆଇ (ଏମ୍ଏଲ୍) ରେଡ୍ ଷ୍ଟାରର ପ୍ରତିଷ୍ଠା ଦିବସ



ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

**ବ୍ରହ୍ମପୁର ଅଫିସ,୨୩।୪**

ସିପିଆଇ(ଏମ୍ଏଲ) ରେଡ ଷ୍ଟାର ଗଞ୍ଜାମ ଜିଲା କମିଟି ପକ୍ଷରୁ ଭି.ଆଇ.ଲେନିନଙ୍କ ଜନ୍ମ ଦିବସ ତଥା ପାର୍ଟିର ପ୍ରତିଷ୍ଠା ଦିବସ ଶନିବାର ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାର୍ଟି ପକ୍ଷରୁ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ପାର୍ଟିର ଜିଲା ସମ୍ପାଦକ ଶଙ୍କର ଯୋଗ ଦେଇଥିଲେ। ସେ ବ୍ରିଟିଶ ଉପନିବେଶବାଦ ଓ ଭାରତୀୟ ଶୋଷଣ ବ୍ୟବସ୍ଥା ବିରୋଧରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଐତିହାସିକ ଭୂମିକା ସମ୍ପର୍କରେ କହିଥିଲେ। ଏଥିସହ ସଭାରେ ଶ୍ରମିକ ବିରୋଧୀ ୪ଟି ଶ୍ରମ ସଂହିତା ପ୍ରତ୍ୟାହାର, ସମାନ କାମକୁ ସମାନ ମଜୁରି, ବଜାର ଦରକୁ ଆଧାର କରି ଦୈନିକ ସର୍ବନିମ୍ନ ମଜୁରି ୧ହଜାର ଟଙ୍କାକୁ ବୃଦ୍ଧି, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ ବାର୍ଷିକ ୩ଶହ ଦିନର କାମ ଯୋଗାଇବା, ୫୫ବର୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଓ ଏମଜିଏନ୍‌ଆରଇଜିଏସ୍‌ରେ ଶ୍ରମିକଙ୍କୁ ମାସିକ ଅବସରକାଳୀନ ଭତ୍ତା ୧୦ ହଜାର ଟଙ୍କା ପ୍ରଦାନ ଭଳି ବିଭିନ୍ନ ଦାବି ସମୂହକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ଟୁଇଟ ମାଧ୍ୟମରେ ପ୍ରଦାନ କରାଯାଇଥିବା ପାର୍ଟି ପକ୍ଷରୁ କୁହାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା କମିଟି ସଦସ୍ୟା ପି. ପାର୍ବତୀ, ପରୀ ଦାଶ, ନିରଞ୍ଜନ ନାହାକ, ସୁରେଶ ମହାରଣାଙ୍କ ସମେତ ପାର୍ଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବ୍ରହ୍ମପୁର ଭାଜପାର ସ୍ୱତନ୍ତ୍ର ବୈଠକ

**ବ୍ରହ୍ମପୁର ଅଫିସ,୨୩।୪**

ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଭାଜପାର ସ୍ୱତନ୍ତ୍ର ବୈଠକ ଗାନ୍ଧୀନଗରସ୍ଥ ଦଳର କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନ ନିକଟତର ହୋଇଥିବାରୁ ମହାନଗରର ସମୁଦାୟ ୧୬୯ ବୁଥକୁ ଅଧିକ କ୍ରିୟାଶୀଳ କରିବା ଲାଗି ରଣନୀତି ପ୍ରସ୍ତୁତ ହୋଇଥିଲା। କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ଘରେ ଘରେ ପହଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ କାହ୍ନୁଚରଣ ପତି ଅଧ୍ୟକ୍ଷତା କରିଥିଲେ। ସଂସଦୀୟ କ୍ଷେତ୍ର ସଂଯୋଜକ ପୃଥୀରାଜ ମହାପାତ୍ର ଯୋଗ ଦେଇଥିଲେ। ବୈଠକର ବିଭିନ୍ନ ଆଲୋଚନାରେ ଜିଲା ସଂଗଠନ କାର୍ଯ୍ୟକର୍ତ୍ତା ସୁନୀଲ କୁମାର ସାହୁ, ପ୍ରଭାତ ଷଡ଼ଙ୍ଗୀ, ରାମ କୁମାର ପାତ୍ର, ଡ଼ା. ସୁବାସ ସାହୁ, ଗୋପୀନାଥ ପଣ୍ଡା, ରାମ ପ୍ରସାଦ ସାମଲ, ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର ପ୍ରମୁଖ ଭାଗ ନେଇଥିଲେ। ମହାନଗରରେ ଥିବା ବିଭିନ୍ନ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଚୌଧୁରୀ, ଭାବଗ୍ରାହି ପାଳ, ସରୋଜ ପାତ୍ର, ସତ୍ୟ ନାରାୟଣ ବସନ୍ତିଆ, ଶ୍ରୀରାମ ଦୀନ ଦୟାଲ, ପ୍ରବୀର ପାତ୍ର, ମାଲି ସାହୁଙ୍କ ସମେତ ଯୁବମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ତୁତୁନ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୩୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୦୦ତମ ମନକୀ ବାତ୍ କାର୍ଯ୍ୟକ୍ରମ ସହରାଞ୍ଚଳର ସବୁ ମଣ୍ଡଳସ୍ତରରେ ପ୍ରସାରିତ କରାଯିବାର ନିଷ୍ପତ୍ତି ନିଆଯାଇଛି।

## ଗିରିରୋଡ୍ ଶାନ୍ତିକୁଣ୍ଡ ପକ୍ଷରୁ ପ୍ରଶାସକ ବର୍ଗ ଅଭିଯାନର ଶୁଭାରମ୍ଭ

**ବ୍ରହ୍ମପୁର ଅଫିସ,୨୩।୪**

ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ଗିରିରୋଡ ପକ୍ଷରୁ ଶନିବାର ଗିରିରୋଡଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରବିବାରଠାରୁ ରାମଚନ୍ଦ୍ରପୁରସ୍ଥିତ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରଠାରେ ୧୫ ଦିନ ବ୍ୟାପୀ ପ୍ରଶାସକ ବର୍ଗ ଅଭିଯାନର ଶୁଭାରମ୍ଭ ନେଇ ସୂଚନା ଦିଆଯାଇଥିଲା। ଏଥିରେ ଓଡିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଟାଇମ୍ କେନ ଏଣ୍ଡ କଷ୍ଟ ଗ୍ରୁପର ରିଜିଓନାଲ ମ୍ୟାନେଜର ପ୍ରିୟରଞ୍ଜନ ମହାପାତ୍ର ଯୋଗ ଦେଇଥିଲେ। ରୋଟାରୀ କ୍ଲବର ଝରଣା ରାଜ୍ୟ ତଥା ଦେଶର ପ୍ରଶାସନରେ ପ୍ରଶାସନ ଇଞ୍ଜିନ ସଦୃଶ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାକୁମାରୀ ମଞ୍ଜୁ, ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରର ବ୍ରହ୍ମାକୁମାରୀ ମାଳା ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ଜିଲା କ୍ରୀଡ଼ାସଂଘ ପକ୍ଷରୁ ସମର କୋଚିଂ କ୍ୟାମ୍ପ

**ବ୍ରହ୍ମପୁର ଅଫିସ,୨୩।୪**

ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଆସନ୍ତା ମେ' ୫ ରୁ ୨୧ ପର୍ଯ୍ୟନ୍ତ ବ୍ରହ୍ମପୁର ଠାରେ ସମର କୋଚିଂ କ୍ୟାମ୍ପ ଆୟୋଜିତ ହେବ। ଏଥିରେ ୮ରୁ ୧୬ ବର୍ଷୀୟ ବାଳିକା ଓ ବାଳକମାନେ ଯୋଗଦେଇ ବାସ୍କେଟବଲ, ଦୌଡ଼କୁଦ, ବକ୍ସିଂ, ଫୁଟବଲ, କ୍ରିକେଟ ଓ ଖୋଖୋ ତାଲିମ ଗ୍ରହଣ କରିପାରିବେ। ଏହି ସମର କୋଚିଂ କ୍ୟାମ୍ପରେ କ୍ରିକେଟ ପାଇଁ ୨୦୦ ଓ ଅନ୍ୟ ସମସ୍ତ କ୍ରୀଡ଼ା ନିମନ୍ତେ ୧୦୦ଟଙ୍କା ମୂଲ୍ୟ ଧାର୍ଯ୍ୟ କରାଯାଇଛି। ଏଥିରେ ଆସନ୍ତା ୨୫ ତାରିଖରୁ ଇଚ୍ଛୁକ ବାଳିକା ଓ ବାଳକମାନେ ଜିଲା କ୍ରୀଡ଼ା ସଂଘ ସହ ଯୋଗାଯୋଗ କରି ନିଜ ନାମ ପଞ୍ଜୀକୃତ କରାଇପାରିବେ। ଏନେଇ ଗଞ୍ଜାମ ଜିଲା କ୍ରୀଡ଼ା ସଂଘ ସମ୍ପାଦକ ଅଶୋକ ସାହୁଙ୍କ ଠାରୁ ପ୍ରକାଶ।

## ଶୀତଳା ଠାକୁରାଣୀ ଯାତ୍ରା ଲାଗି ଶୁଭଖୁଣ୍ଟି



**ଛତ୍ରପୁର,୨୩।୪(ଡି.ଏନ୍.ଏ )**

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ପୋଟଲାମପୁର ପଞ୍ଚାୟତ ଅଧୀନ ମୁନିଷିପେଣ୍ଟ ଗାଁରେ ପ୍ରତି ୧୨ ବର୍ଷରେ ଥରେ ମା' ଶୀତଳା ଠାକୁରାଣୀଙ୍କ ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ମେ' ୯ରୁ ୨୯ ତାରିଖ ପର୍ଯ୍ୟନ୍ତ ୨୧ ଦିନ ଧରି ଏହି ଯାତ୍ରା ହେବାକୁ ନିଷ୍ପତ୍ତି ହୋଇଛି। ରବିବାର ଏଥିଲାଗି ଶୁଭଖୁଣ୍ଟି ସ୍ଥାପନ ହୋଇଛି। ଜିଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶମ୍ଭୁନାଥ ସ୍ୱାଇଁ, ସହକାରୀ ନିର୍ବାହୀଯନ୍ତ୍ରୀ ଇନ୍ଦ୍ରଜିତ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମେ ୨୯ ତାରିଖ ମଧ୍ୟରାତ୍ରରେ ମା'ଙ୍କ ଘଟ ସ୍ଥାୟୀ ମନ୍ଦିରକୁ ଫେରିବେ। ତା' ପରଦିନ ୩୦ ତାରିଖରେ ଶୋଭାଯାତ୍ରା ଓ ସାହିଯାତ୍ରା ଅନୁଷ୍ଠିତ ହେବ। ୫ ପଞ୍ଚାୟତର ୨୦ ଗ୍ରାମ କମିଟିକୁ ନିମନ୍ତ୍ରଣ କରାଯିବ। ଯାତ୍ରା କମିଟି ସଭାପତି ବିଶ୍ୱନାଥ ସୁବୁଦ୍ଧି, ସମ୍ପାଦକ ସୁଦାମ ସାହୁ, ଉପସଭାପତି ପ୍ରବାସୀ ପ୍ରଧାନ, ସହସମ୍ପାଦକ କେ. ରାମେୟା, କୋଷାଧ୍ୟକ୍ଷ କେ. ଭୀମରାଜୁ, ଉପଦେଷ୍ଟା ପ୍ରମୋଦ ସାହୁ, ବିଜୟ ପ୍ରଧାନ, ଭଗବାନ ନାହାକ, ଅର୍ଜୁନ ବେହେରା ଉପସ୍ଥିତ ଥିଲେ। ଯାତ୍ରା ଅବସରରେ ଲୋକକଳା, ଲୋକନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି ସୂଚନା ଦିଆଯାଇଛି। ଯାତ୍ରା ପ୍ରସ୍ତୁତି ନେଇ ବୈଠକ ହେବା ସହ କମିଟି ଗଠନ ହୋଇଛି।

**ପ୍ରତି ୧୨ ବର୍ଷରେ ହୁଏ ଯାତ୍ରା**

## ଲକ୍ଷ୍ମୀନୃସିଂହ ଯାତ୍ରା ପାଇଁ ଶୁଭଖୁଣ୍ଟି ସ୍ଥାପନ

**ହିଞ୍ଜିଳିକାଟୁ,୨୩।୪(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ଲକ୍ଷ୍ମୀନୃସିଂହ ଯାତ୍ରା ଆସନ୍ତା ନୃସିଂହ ଚତୁର୍ଦ୍ଦଶୀରୁ ଆରମ୍ଭ ହେବ। ୬ ତାରିଖ ଦିନ ଉଦ୍‌ଯାପିତ ହେବ। ଏହି ତିନି ଦିନିଆ ବାର୍ଷିକ ଯାତ୍ରା ନିମନ୍ତେ ଅକ୍ଷୟ ତୃତୀୟା ଅବସରରେ ଯାତ୍ରା ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି। ହିଞ୍ଜିଳିକାଟୁ କେଉଟ ବାଡ଼ ପକ୍ଷରୁ ଗୋପବନ୍ଧୁ ମାର୍ଗ କୋଠଘର ନିକଟରେ ପୂଜା ପାଠ ମଧ୍ୟରେ ଶୁଭଖୁଣ୍ଟ ସ୍ଥାପନ ହୋଇଥିଲା। କେଉଟ ବାଡ଼ ଯାତ୍ରା କମିଟି ସଭାପତି ଭୀମସେନ ବେହେରା, ମାନସ ବେହେରା, ଉଦୟନାଥ ବେହେରା, ଗୋପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜଗନ୍ନାଥ ମାର୍ଗଠାରେ ରଙ୍ଗଣୀ ବାଡ ଯାତ୍ରା କମିଟି ସଭାପତି ବଂଶୀଧର ସାହୁଙ୍କ ତତ୍ତ୍ୱାବଧାନରେ ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି। ପାଟଣା ସାହି ଲକ୍ଷ୍ମୀ ନୃସିଂହ ମନ୍ଦିର ସମ୍ମୁଖରେ ପୂଜକ ଶରତ ଚନ୍ଦ୍ର ପାଣ୍ଡା, ଗାଣ୍ଡୁ ସାହୁ, ବିଶ୍ୱମ୍ବର ସାହୁ ଓ ସାହି ବାସିନ୍ଦାଙ୍କ ଉପସ୍ଥିତରେ ଶୁଭଖୁଣ୍ଟ ସ୍ଥାପନ ହୋଇଥିଲା।

## କୀଟନାଶକ ପିଇ ଜଣେ ମୃତ

**ଗୋପାଳପୁର,୨୩।୪(ଡି.ଏନ୍.ଏ.)**

ଗୋଳନ୍ଥରା ଥାନା ଅଞ୍ଚଳରେ କୀଟନାଶକ ପିଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହି ଥାନା ଅଧୀନ ପଞ୍ଚମା ଗ୍ରାମରେ ପ୍ରକାଶ ବାଡ଼ତ୍ୟା ଅତ୍ୟଧିକ ମଦ୍ୟପାନ କରି ଗତ ୨୧ ତାରିଖରେ ଘରକୁ ଆସିଥିଲେ। ଘରେ ଥିବା କୀଟନାଶକ ଔଷଧ ଭୁଲବଶତଃ ପିଇ ଦେଇଥିଲେ। ଫଳରେ ସେ ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ନଂ. ୮/୨୩ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଅଖିମୁଠି ଅନୁକୂଳ


ବୁଗୁଡ଼ା ବ୍ଲକ ଗୋଳିଆ ଗ୍ରାମରେ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ ଅଖିମୁଠି ଅନୁକୂଳ କରୁଛନ୍ତି।


ରମ୍ଭାରେ ଅଖିମୁଠି ଅନୁକୂଳ ପୂର୍ବରୁ ପୂଜାର୍ଚ୍ଚନା କରାଯାଉଛି।


ପୁରୁଷୋତ୍ତମପୁରରେ ତହସିଲଦାର, ବିଡିଓ ଅଖିମୁଠି ଅନୁକୂଳ କରୁଛନ୍ତି।

